ସକାଳ THE SAKALA



**ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଭୁଲ୍ ପ୍ରଶ୍ନପତ୍ର ସେଟ୍ ପ୍ରଦାନ ଘଟଣା**

# ଅବ୍ୟବସ୍ଥାରେ ଚାଲିଥିଲା ପରୀକ୍ଷା କେନ୍ଦ୍ର, ଇନ୍‌ଭିଜିଲେଟର ନିଲମ୍ବିତ!

ବ୍ରହ୍ମପୁର,୨୨ ।୨(ସମିସ)

ସ୍ଥାନୀୟ ସରକାରୀ କ୍ୱିନ ଅଫ୍ ଦି ମିସନ୍ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ବେଳେ ପ୍ରଥମ ଦିନରେ ହିଁ ପରୀକ୍ଷା ପରିଚାଳନାରେ ବ୍ୟାପକ ତ୍ରୁଟି ରହିଥିଲା । ପରୀକ୍ଷା କେନ୍ଦ୍ରରେ ପ୍ରାୟ ୧୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ବିଷୟ ପ୍ରଶ୍ନପତ୍ରର ଭୁଲ ସେଟ୍ ପ୍ରଦାନ କରାଯାଇଥିଲା । ପ୍ରାୟ ଅଧଘଣ୍ଟା ପରେ ପୁଣିଥରେ ଉକ୍ତ ପ୍ରଶ୍ନପତ୍ର ଛାତ୍ରଛାତ୍ରୀଙ୍କଠାରୁ ଫେରାଇ ନିଆଯାଥିଲା । ତ୍ରୁଟିରେ ସୁଧାର ଆଣିବା ନିମନ୍ତେ ପରୀକ୍ଷାର୍ଥୀଙ୍କ 'ଓମ୍‌ଆର' ସିଟ୍‌ରେ ହ୍ୱାଇଟ ଇରେଜକୁ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଶନିବାର ଅଭିଭାବକ ଓ ପାରୀକ୍ଷାର୍ଥୀ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଜଣେ କର୍ମଚାରୀଙ୍କ ବିରୋଧରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଜଣେ ଇନ୍‌ଭିଜିଲେଟରଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି ।

କିନ୍ତୁ ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଜିଲ୍ଲା ଶିକ୍ଷା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଉଥିଲେ ହେଁ ସମ୍ଭବ ହୋଇନଥିଲା । ଅନ୍ୟପକ୍ଷରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ନିୟମାବଳୀ ମଧ୍ୟରୁ ଅନେକ ନିମୟକୁ ସଠିକ ଭାବେ ଉକ୍ତ ପରୀକ୍ଷା କେନ୍ଦ୍ରରେ ପାଳନ କରାଯାଇନି । ଘଟଣା ବିଷୟରେ ବିଭିନ୍ନ ଦିଗରୁ ଅନୁସନ୍ଧାନ ପରେ ଶିକ୍ଷା ପ୍ରଶାସନର ଦୋଷ ଦୁର୍ବଳତା ସାମ୍ନାକୁ ଆସିଛି । ପରୀକ୍ଷା ପୂର୍ବରୁ ଶିକ୍ଷା ବିଭାଗ ପକ୍ଷରୁ ପ୍ରାକ୍-ପ୍ରସ୍ତୁତି, ପରିଚାଳନା ପାଇଁ ପ୍ରଶିକ୍ଷଣ ଓ ଆବଶ୍ୟକୀୟ ସ୍ଥାନରେ ଅଭିଜ୍ଞ ଅଧିକାରୀଙ୍କ ଠାରୁ ସହଯୋଗ, ପରାମର୍ଶ ନେଇ ସଠିକ କାର୍ଯ୍ୟକାରୀ କରାଯାଇଥିଲେ ଏହି ପରି ବିଭ୍ରାଟ ହୋଇନଥାନ୍ତା ବୋଲି ମତପ୍ରକାଶ ପାଇଛି ।

ଅଘଟଣ ଘଟିଥିବା ପରୀକ୍ଷା କେନ୍ଦ୍ରର ରୁମ୍ ନମ୍ବର ୬ର ବୋଡର୍ ପକ୍ଷରୁ ଜାରି ହୋଇଥିବା 'ସିଟିଂ ଆରେଞ୍ଜମେଣ୍ଟ' ନିୟମକୁ

**● କର୍ମଚାରୀଙ୍କ ଦୋଷ ଦୁର୍ବଳତା ଘୋଡ଼ାଉଛି ଜିଲ୍ଲା ଶିକ୍ଷା ପ୍ରଶାସନ**

ସଠିକ ଭାବେ ପାଳନ କରାଯାଇନି । ଏହା ସହ ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିବା ଅଧୀକ୍ଷକ ଓ ଡେପୁଟି ଅଧୀକ୍ଷକ ଛାତଛାତ୍ରୀଙ୍କୁ 'ଉତ୍ତର ଖାତା କିମ୍ବା ଓଏମଆର' ସିଲ କରିବା ପୂର୍ବରୁ କୌଣସି ପ୍ରକାର ତ୍ରୁଟି କିମ୍ବା ସମସ୍ୟା ଦେଖିଲେ ଉପରିସ୍ତ ଅଧିକାରୀଙ୍କୁ ଜଣାଇବାର ନିୟମ ରହିଛି । କିନ୍ତୁ ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷ ଗତ ଶନିବାର ସୁଦ୍ଧା ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇନଥିଲେ । ସେହିପରି ଛାତ୍ରଛାତ୍ରୀ ପରୀକ୍ଷାର ଉତ୍ତର କିମ୍ବା କିଛି ତଥ୍ୟ ପ୍ରଦାନ ବେଳେ କୌଣସି କାରଣରୁ ଯଦି 'ଓଏମଆର' ସିଟରେ ଭୁଲ ଉଲ୍ଲେଖ କରନ୍ତି ।

ତେବେ ନିୟମ ମୁତାବକ ଉକ୍ତ ଛାତ୍ରଛାତ୍ରୀଙ୍କୁ ଅନ୍ୟ ଏକ 'ଓଏମଆର' ସିଟ ଯୋଗାଇବା ସହ ତାହାକୁ 'ସବ୍ ଷ୍ଟାଣ୍ଡାଡର୍' ଦର୍ଶାଇ ଘଟଣା ସମ୍ପର୍କରେ ବୋଡର୍ ଓ ଜିଲ୍ଲା ଶିକ୍ଷା ବିଭାଗକୁ ଅବଗତ କରାଇବା ପରୀକ୍ଷା କେନ୍ଦ୍ରର ଦାୟିତ୍ୱରେ ଥିବା ଅଧୀକ୍ଷକ କାର୍ଯ୍ୟ ରହିଥାଏ । କିନ୍ତୁ ଉକ୍ତ ନିୟମକୁ ମଧ ପାଳନ କରାଯାଇନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ପରୀକ୍ଷା ପରିଚାଳନା ନିମନ୍ତେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାରୁ ବିଭିନ୍ନ ବ୍ଲକ ଶିକ୍ଷା ପ୍ରଶାସନର ଶିକ୍ଷକଙ୍କୁ ମାଟ୍ରିକ ପରୀକ୍ଷାରେ ନିୟୋଜିତ କରାଯାଇଛି । ଉକ୍ତ ଶିକ୍ଷକମାନେ ଉପଯୁକ୍ତ ପ୍ରଶିକ୍ଷଣ ବିନା ଏହିପରି ପରୀକ୍ଷା ପରିଚାଳନାରେ ନିୟୋଜିତ ହୋଇଛନ୍ତି । ଆବଶ୍ୟକୀୟ ଅଭିଜ୍ଞତା ନଥିବା କାରଣରୁ ପରୀକ୍ଷାରେ ସ୍ୱଚ୍ଛତାକୁ ନେଇ ଅଭିଭାବକଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ସଂକୋଚ ପ୍ରକାଶ କରିଛନ୍ତି । ଏଭଳି ଭାବେ ଜିଲ୍ଲାର ଆନେକ ପରୀକ୍ଷା କେନ୍ଦ୍ରରେ କାର୍ଯ୍ୟରତ ବହୁ କର୍ମଚାରୀ ପରୀକ୍ଷା ପରିଚାଳନାର ନୀତିନୀୟମ ସଠିକ ଭାବେ ପାଳନ କରୁନଥିବା ଅଭିଯୋଗ ରହିଛି ।

ଏଭଳି ଅମାନିଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସେମାନଙ୍କ ଦୋଷଦୁର୍ବଳତା ଘୋଡ଼ାଉଥିବା ଦେଖିବାକୁ ମିଳିଛି । ଫଳରେ ଦିନକୁ ଦିନ କର୍ମଚାରୀମାନଙ୍କ ଅମାନିଆ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

**● ମଦ ପିଇବାକୁ ଟଙ୍କା ନ ଦେବାରୁ ତୁମୂଳକାଣ୍ଡ**

## ପୁଅର କାତି ଚୋଟରେ ବାପା ଗୁରୁତର



**ଦିଗପହଣ୍ଡି,୨୨ ।୨(ସମିସ):** ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଦସିପୁର ଗାଁରେ ଶନିବାର ରାତି ପ୍ରାୟ ୧ଟାରେ ଗ୍ରାମର କେ.ବୁଲୁ ରେଡ୍ଡୀଙ୍କୁ ତାଙ୍କ ପୁଅ କେ.ଧନୁ ରେଡ୍ଡୀ କାତିରେ ମୁଣ୍ଡକୁ ହାଣି ଦେଇଥିବା ଅଭିଯୋଗ ହୋଇଛି । ବୁଲୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ବୁଲୁଙ୍କ ବଡ଼ପୁଅ କିଛିବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ବେଳେ ସାମାନ୍ୟ ମାନସିକ ବିକୃତ ଥିବା ସାନପୁଅ ତିରୁପତିରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି । କିଛିଦିନ ହେଲା ସେ ଗାଁକୁ ଫେରିଥିଲେ । ଶନିବାର ରାତିରେ ଧନୁ ମଦ ପିଇବାକୁ ଘରେ ପଇସା ମାଗିଥିଲେ । ମା, ବାପା ଓ ସ୍ତ୍ରୀ ମନା କରିବାରୁ ଉତ୍ତେଜିତ ହୋଇ ସେମାନଙ୍କୁ ଆକ୍ରମଣ କରିଥିଲେ । ବାପା ପ୍ରତିବାଦ କରିବାରୁ ସେ କାତିରେ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ଜଣାପଡିଛି । ସନ୍ଧ୍ୟା ସୁଦ୍ଧା ଏନେଇ ଦିଗପହଣ୍ଡି ଥାନାରେ ଏତଲା ହୋଇ ନଥିବା ଜଣାପଡ଼ିଛି ।

## ଅଟୋକୁ ଧକ୍କା ଦେଲା ଟ୍ରକ୍; ୪ ଆହତ

**ରଙ୍ଗେଇଲୁଣ୍ଡା,୨୨ ।୨(ସମିସ):** ରବିବାର ସନ୍ଧ୍ୟାରେ ୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା କନିଷି ଗାଁ ନିକଟରେ ଏକ ଯାତ୍ରୀବାହୀ ଅଟୋକୁ ଏକ ଟ୍ରକ୍ ଧକ୍କା ଦେବାରୁ ଅଟୋ ଚାଳକ ସମେତ ୪ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଅଟୋ ନଂ. ଓଡି୧୩କେ -୩୬୨୩ ବ୍ରହ୍ମପୁର ପଟୁ କିଛି ଯାତ୍ରୀ ଆଣି କନିଷି ଗାଁ ନିକଟରେ ଓହ୍ଲାଉଥିବା ବେଳେ ପଛରୁ ଆସୁଥିବା ଏକ ଟ୍ରକ୍ (ନଂ.ଟିଏନ୍୨୯ସିବି-୩୯୧୭) ଧକ୍କା ଦେଇଥିଲା । ଫଳରେ ଅଟୋ ଚାଳକ ସହ ଦୁଇଜଣ ମହିଳା ଓ ଜଣେ ପୁରୁଷ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଏବଂ ଗୋଳନ୍ଥରା ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଆହତଙ୍କ ପରିଚୟ ମିଳିପାରିନାହିଁ ।

**● ଖଣ୍ଡା ଦେଖାଇ ବଟି ଆଦାୟ ଘଟଣା**

## ଅଭିଯୁକ୍ତକୁ ଚିହ୍ନଟ କରିପାରୁନି ପୁଲିସ

**ବ୍ରହ୍ମପୁର,୨୨।୨(ସମିସ):** ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼, ଖଣ୍ଡା ଦେଖାଇ ବଟି ଆଦାୟ ଘଟଣାର ସମ୍ପୃକ୍ତ ଅଭିଯୁକ୍ତକୁ ପୁଲିସ ଚିହ୍ନଟ କରି ପାରୁନଥିବା ଜଣାପଡିଛି । ଗତ ଜାନୁୟାରୀ ୫ତାରିଖ ରାତିରେ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼ ହୋଇଥିଲା । ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଧରିବା ତ ଦୂରର କଥା ଚିହ୍ନଟ ବି କରିପାରୁନି ।

ସେହିପରି ଜାନୁୟାରୀ ୨୬ ରାତି ୧୧ଟା ବେଳେ ସୁବାରାଓ ଛକ ନିକଟସ୍ଥ ଗଳି ଅର୍ଥାତ ଖ୍ରୀଷ୍ଟିଆନ ସାହିରେ ଥିବା ଏକ ଲଜ୍ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଗୋଟିଏ ସ୍କୁଟିରେ ଖଣ୍ଡା ଧରି ଆସି ବାଇକରେ ଯାଉଥିବା ଦୁଇ ଯୁବକକୁ ଅଟକାଇ ମାରପିଟ କରିବା ସହ ଟଙ୍କା ଆଦାୟ କରୁଥିବା ଭାଇରାଲ୍ ହୋଇଥିବା ଭିଡ଼ିଓରୁ ସ୍ପଷ୍ଟ ଜଣାପଡ଼ିଥିଲା । ଏହାସହ ନିକଟରେ ଥିବା ଏକ କାରକୁ ପଥର ମାଡ଼ କରିଥିଲେ । ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏଯାବତ ଅଭିଯୁକ୍ତ ଚିହ୍ନଟ ହୋଇନଥିବା ଜଣାପଡିଛି । ଉପରୋକ୍ତ ଦୁଇଟି ଘଟଣାକୁ ଏକ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ପୁଲିସ ଚିହ୍ନଟ କରିପାରୁନଥିବା ଜଣାପଡିଛି ।

**ବନ୍ଦ ଘରେ ଅଗ୍ନିକାଣ୍ଡ**

## ଫାଟିଲା ଗ୍ୟାସ୍ ସିଲିଣ୍ଡର; ଭୁଶୁଡ଼ିଲା କାନ୍ଥ

**ବ୍ରହ୍ମପୁର,୨୨।୨(ସମିସ):** ଆଙ୍କୁଲି କାଳଞ୍ଜି ସାହିରେ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲାଗିଯିବାରୁ ଗ୍ୟାସ ସିଲିଣ୍ଡର ଫାଟି ଯାଇଛି । ଏହାଯୋଗୁଁ ସେହି ଘରର କାନ୍ଥ ଭାଙ୍ଗିବା ସହ ଆସଭାବପତ୍ର ପୋଡି ବ୍ୟାପକ କ୍ଷୟକ୍ଷତି ହୋଇଛି । ବ୍ରହ୍ମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୧ଘଣ୍ଟା ପରିଶ୍ରମ କରିବା ପରେ ଘର ଭିତରେ ନିଆଁକୁ ଆୟତ କରିଛନ୍ତି । ସୂଚନାପ୍ରକାରେ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି କାଳଞ୍ଜି ସାହିରେ ରହୁଥିବା ରଞ୍ଜିତ ନାୟକଙ୍କ ପତ୍ନୀ ଲିଜା ନାୟକ ରବିବାର ପୂର୍ବାହ୍ନରେ ମନ୍ଦିର ଯାଇଥିଲେ । ଘରେ କେହି ନଥିବାରୁ ତାଲା ପଡିଥିଲା । ହେଲେ ଘର ଭିତରୁ ଧୂଆଁ ବାହାରୁଥିବା ନେଇ ଲିଜାଙ୍କ ପଡୋଶୀ ଫୋନ କରି ଜଣାଇଥିଲେ । କିଛି ସମୟ ଧୂଆଁ ବାହାରିବା ପରେ ରୋଷେଇ ଘରେ ରଖାଯାଇଥିବା ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା । ସେହିପରି ଘର ଭିତରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ନଷ୍ଟ ହୋଇ ଯାଇଥିଲା । ଘରୁ ନିଆଁ ଲିଭାଇବାକୁ ଚେଷ୍ଟା କରି ଲିଜା ଆହତ ହୋଇଥିଲେ । ପୁଲିସ ଓ ଅଗ୍ନିଶମ ବିଭାଗ ସହ ସ୍ଥାନୀୟ ବାସିନ୍ଦା ସହଯୋଗରେ ନିଆଁକୁ ଆୟତ କରାଯାଇଥିଲେ ମଧ ସେତେବେଳକୁ ଟିଭି, ଫ୍ରିଜ ଭଳି ବହୁ ମୁଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇସାରିଥିଲା । ଅଗ୍ନିକାଣ୍ଡରେ ତାଙ୍କ ଘରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇ ଯାଇଥିବା ଲିଜା ଅଭିଯୋଗ କରିଛନ୍ତି । ରାଜସ୍ୱ ବିଭାଗ କର୍ମଚାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ସରକାରୀ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେଇଛନ୍ତି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିଥିବା ବେଳେ ସର୍ଟସର୍କିଟ ନତୁବା ଗ୍ୟାସ ଲିକରୁ ଏହା ଘଟିଥିବା ସନ୍ଦେହ କରାଯାଉଛି ।



## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ବ୍ରହ୍ମପୁର,୨୨।୨(ସମିସ):** କଳବାଡ଼ କ୍ଲଷ୍ଟର ଅନ୍ତର୍ଗତ କମାକୁଳମଣି ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସିଆରସିସି ସୁଜିତ କୁମାର ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିଷୟ ଭିତ୍ତିକ ସମସ୍ତ ଶ୍ରେଣୀ ଓ ସମସ୍ତ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଯୁଜ୍ୟ ମୋଟ ୫୦ରୁ ଅଧିକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇ ପ୍ରଦର୍ଶନ କରାଯାଇଥିଲା । କର୍ମଶାଳାର ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍ ଧନଞ୍ଜୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପନ୍ନଗ ଭୂଷଣ ମାଝୀ, ସମ୍ମାନିତ ଅତିଥି ରୂପେ ଏବିଇଓ ତ୍ରିନାଥ ମଲ୍ଲିକ, ନାୟକ ସେଠି, ମେଘନାଥ ବେହେରା, ୱାର୍ଡ ସଭ୍ୟା ଲକ୍ଷ୍ମୀ ରେଡ୍ଡୀ, ଏସଏମସି ସଭାପତି ଲକ୍ଷ୍ମଣ ରେଡ୍ଡୀ, ଝାଟି ପଦର ସିଆରସିସି ଏ ଦମୟନ୍ତୀ, ବି ଭେଙ୍କେଟ ରାଓ, ଧର୍ମରାଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଏହି କର୍ମଶାଳାରେ ଶିକ୍ଷକ ବାଳକୃଷ୍ଣ ସାହୁ, ଗଙ୍ଗାଧର ବିଷୋୟୀ, ଦିଲେଶ୍ୱର ରାଉଳ, ପିତାମ୍ବର ସେଠି, ଦେବରାଜ ମଲ୍ଲିକ, କୃଷ୍ଣଚନ୍ଦ୍ର ବିଷୋୟୀ, ଗୌରୀ ଶଙ୍କର ସାହୁ, ଭେଙ୍କେଟ ରାଓ ଶିକ୍ଷୟିତ୍ରୀ ମହେଶ୍ୱତା ପାତ୍ର, ତନୁଜା ସାବତ, ମୀରାବାଇ ବିଷୋୟୀ, ଆଲୁ ରେଣୁ, ନମିତା ବେହେରା, ଶିଳ୍ପା କୁମାରୀ ପାତ୍ର, ମାମିନୀ ସାହୁ ଓ ବି ପୂଜା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ମାଗଣା ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର,୨୨ ।୨(ସମିସ):** ଭାବିନୀପୁର ଗ୍ରାମ ପଞ୍ଚାୟତ ଓ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ ପକ୍ଷରୁ ପଞ୍ଚାୟତରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ରଞ୍ଜିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିରୁପମା ପ୍ରଧାନ, ଏଡିଓ ବସନ୍ତ ରାଉଳ, କୈଳାଶ ଶତପଥି, ସଂଗ୍ରାମ ଆଚାର୍ଯ୍ୟ, ଦଣ୍ଡପାଣି ପାତ୍ରଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ । ଶିବିରରେ ୧୨୬ଜଣଙ୍କ ରୋଗୀଙ୍କ ବିଭିନ୍ନ ପରୀକ୍ଷା କରିବା ସହ ଅଭିଜ୍ଞ ଡ଼ାକ୍ତର ମାନେ ଚିକିତ୍ସା କରି ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ ।



## ତ୍ରିଧାରା ସାହିତ୍ୟ ସଂସଦର ଆଲୋଚନାଚକ୍ର

**ବ୍ରହ୍ମପୁର,୨୨ ।୨(ସମିସ):** ତ୍ରିଧାରା ସାହିତ୍ୟ ସଂସଦ ପକ୍ଷରୁ ଆଭାସୀରେ ବିଶ୍ୱ ମାତୃଭାଷା ଦିବସ ଅବସରରେ ଏକ ଆନ୍ତର୍ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମାତୃଭାଷା ହିଁ ନିଜ ଜାତି ଓ ସଂସ୍କୃତିକୁ ପରିଚୟ ପ୍ରଦାନ କରିଥାଏ । ନିଜ ମାତୃଭାଷା ହିଁ ସବୁଠାରୁ ବଡ଼ ଓ ମହାନ୍ । ଗୋଟିଏ ଭାଷା ବଞ୍ଚିଲେ ଗୋଟିଏ ଜାତି ବଞ୍ଚିବ । ଓଡ଼ିଆ ଭାଷାର କ୍ରମବିକାଶ ସମ୍ପର୍କରେ ଅନେକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଓଡ଼ିଆସାହିତ୍ୟର ଯୁଗ ବିଭାଜନ କଥାକୁ ଖୁବ୍ ସୁନ୍ଦର ଭାବରେ ଆଲୋଚନା କରାଯାଇଛି । ସରକାରୀ ବିଦ୍ୟାଳୟର ମାତୃଭାଷା ଶିକ୍ଷା ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ର ମାତୃଭାଷା ଶିକ୍ଷା ସମ୍ବନ୍ଧୀୟ ସମସ୍ୟା ଓ ସମାଧାନ ସମ୍ପର୍କରେ ଏକ ସାରଗର୍ଭକ ଆଲୋଚନା ହୋଇଥିଲା । ଯେଉଁଠି ରହିଲେ ବି ନିଜ ମାତୃଭାଷା କୁ କେହି କେବେ ବି ଭୁଲି ନାହାନ୍ତି । କାର୍ଯ୍ୟକ୍ରମରେ ସଭାପତି ଡକ୍ଟର ପ୍ରମୋଦ କୁମାର ଦ୍ୱିବେଦୀ, ମୁଖ୍ୟ ଅତିଥି ଭାବେ ଡଃ ନୃସିଂହ ଚରଣ ମିଶ୍ର, ମୁଖ୍ୟ ବକ୍ତା ଭାବେ ଡକ୍ଟର ଇଂ ସଞ୍ଜୟ କୁମାର ପଣ୍ଡା ଯୋଗଦାନ କରି ନିଜ ନିଜର ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ଅତିଥି ପରିଚୟନ ପ୍ରଦାନ କରିଥିଲେ । ଉପସଭାପତି ଡକ୍ଟର ଅଶୋକ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବନ୍ଦନା ପଣ୍ଡା, ବିଘ୍ନେଶ୍ୱର ସାହୁ, ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ମଧୁସ୍ମିତା ମିଶ୍ର, ଡାକ୍ତର ଗାୟତ୍ରୀ ସାହୁ, ଗାୟତ୍ରୀ ରଥ, ମନୀଷା ଦେବୀ, ଗାୟତ୍ରୀ ଗୈଡ, ଗାୟତ୍ରୀ ରଥ ଷଡ଼ଙ୍ଗୀ, ପ୍ରଭାତ ଷଡ଼ଙ୍ଗୀ ପ୍ରମୁଖଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଅଂଶଗ୍ରହଣ କରିଥିଲେ ।



ବ୍ରହ୍ମପୁର ମହାନଗର ନିଗମ ଲାଇବ୍ରେରୀକୁ ୱାଟ୍‌କୋ ଜିଏମ୍ ଇଂ. ବିକାଶ ପାଢ଼ୀଙ୍କ ପୁସ୍ତକ ପ୍ରଦାନ

# ପ୍ରି-ୱେଡ଼ିଂ ଫଟୋସୁଟ୍‌ର ହବ୍ ପାଲଟିଛି ବ୍ରହ୍ମପୁର

ବ୍ରହ୍ମପୁର,୨୨।୨(ସମିସ)

ସମୟ ବଦଳିବା ସଙ୍ଗେ ସଙ୍ଗେ ଆମ ପ୍ରଥା, ପରମ୍ପରା ମଧ ଆଧୁନିତାର ସାଥେ ତାଳ ଦେଇଚାଲିଛି । ବିବାହ, ବ୍ରତଠାରୁ ଆରମ୍ଭ କରି ଜନ୍ମଦିନ ପାଳନ ପୂର୍ବରୁ ମଧ ଫଟୋସୁଟ୍ ନିତ୍ୟାନ୍ତ ହୋଇପଡ଼ିଛି । ଯାହା ପ୍ରି ଫଟୋ ସୁଟ୍ କୁହାଯାଉଛି । ଏଥିପାଇଁ ଅନେକ ଯୋଜନା ଆଗୁଆ ପ୍ରସ୍ତୁତ ହେଉଛି । ନାନା ରକମର ଫଟୋ ଉଠା ସାଙ୍ଗକୁ ଭିଡ଼ିଓ ଉତ୍ତୋଳନ କରାଯାଉଛି । ସତେ ଯେମିତି ନୂଆ ଚଳଚ୍ଚିତ୍ରଟିଏ ନିର୍ମାଣ ଚାଲିଛି । ଏହି ପରମ୍ପରା ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ବହୁ ବର୍ଷ ପୂର୍ବରୁ ଚାଲିଥିଲା । ଏଥିପାଇଁ ବିଭିନ୍ନ ସହର ବାହାରେ ଜାଗା ଚିହ୍ନଟ ହେଉଥିଲା । ରାଜ୍ୟ ବାହାରକୁ ମଧ ଭାବି କନ୍ୟା-ବର ଯାଉଥିଲେ । ବିଭାଘରକୁ ସ୍ମରଣୀୟ କରିବାକୁ ଅନେକ ବଡ଼ ବଡ଼ ପର୍ଯ୍ୟଟନ କ୍ଷେତ୍ରକୁ ଯାଇ ଫଟୋ ଉଠାଉଥିଲେ । ସେଥିରେ ସମ୍ପ୍ରତି ପରିବର୍ତ୍ତନ ଘଟିଛି । ଲୋକାଲ୍‌କୁ ସମ୍ପ୍ରତି ବେଶ୍ ଗୁରୁତ୍ୱ ଦେଉଛନ୍ତି ନୂଆ ପିଢି । ଏଥିପାଇଁ ସହର ଭିତରେ ପ୍ରାତଃ ଓ ସଞ୍ଜ ସମୟକୁ ବଛାଯାଉଛି । ଫଟୋସୁଟ୍ ବେଳେ ପାରମ୍ପରିକ ପୋଷାକ ସହ ଆଧୁନିକ ଷ୍ଟାଇଲ୍ ମିଶାଇ ନୂତନ ନୂତନ କନ୍ସେପ୍ଟ ଦେଖାଯାଉଛି । ଏଥିପାଇଁ ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ରାଜଧାନୀ ଭାବେ ପରିଚିତ ବ୍ରହ୍ମପୁର ସହରରେ ଏବେ ପ୍ରି ୱେଡ଼ିଂ ଫଟୋସୁଟ୍‌ର ଆସର ଜମୁଛି । ସହରର ପ୍ରତ୍ୟେକ ଛକ, ମୁଖ୍ୟ ରାସ୍ତା ଓ ପାର୍କ ଗୁଡ଼ିକରେ ସକାଳ ଓ ସନ୍ଧ୍ୟାରେ ଫଟୋସୁଟ ପାଇଁ ଜମୁଥିବା ଦୃଶ୍ୟ ସାଧାରଣ ହୋଇପଡ଼ିଛି । ବିଶେଷ କରି ସହରର ପ୍ରମୁଖ ପାର୍କ ଓ ଖୋଲା ଜାଗାଗୁଡ଼ିକ ଏହି ପାଇଁ ଆକର୍ଷଣ କେନ୍ଦ୍ର ହୋଇଉଠିଛି । ସନ୍ଧ୍ୟା ସମୟରେ ଆଲୋକ ସଜ୍ଜା, ଡ୍ରୋନ୍ କ୍ୟାମେରା ଓ ଭିଡିଓ ଟିମ୍‌ର ଭିଡ଼ ଲକ୍ଷ୍ୟ କରାଯାଉଛି । ଏହାଫଳରେ ସ୍ଥାନୀୟ ଫଟୋଗ୍ରାଫରଙ୍କ ପାଇଁ ନୂଆ ରୋଜଗାର ସୁଯୋଗ ସୃଷ୍ଟି ହୋଇଛି । ଅନେକ ଯୁବକ-ଯୁବତୀ ପେଶାଦାର ଭାବେ ପ୍ରି-ୱିଡ଼ିଂ ସୁଟ୍‌ରେ ଜଡ଼ିତ ହୋଇ ଭଲ ଆୟ କରୁଛନ୍ତି । ବିବାହ ଉତ୍ସବକୁ ଆଡ଼ମ୍ବରମୟ କରିବା ପାଇଁ ଯୁବପିଢ଼ିର ଆଗ୍ରହ ବଢୁଥିବାରୁ ଏହି ପ୍ରବୃତ୍ତି ଦିନକୁ ଦିନ ବଢୁଛି । ସୋସିଆଲ୍ ମିଡିଆରେ ଫଟୋ ଓ ରିଲ୍ ଭାଇରାଲ୍ ହେବା ମଧ ଏହାର ମୂଳ କାରଣ ମନେ କରାଯାଉଛି ।

ସମାଜ ବିଜ୍ଞାନୀମାନଙ୍କ ମତାନୁସାରେ, ଏହା ନୂତନ ପିଢ଼ିର ଆଧୁନିକ ଚେତନା ଓ ଅଭିବ୍ୟକ୍ତିର ପ୍ରତୀକ । ସାମଗ୍ରୀକ ଭାବେ ଦେଖିଲେ, ବ୍ରହ୍ମପୁର ସହରରେ ପ୍ରି-ୱେଡ଼ିଂ ଫଟୋସୁଟ୍ ଏକ ନୂତନ ଟ୍ରେଣ୍ଡ ଭାବେ ଜମିଯାଇଛି । ଯାହା ସହରର ସାମାଜିକ ଓ ଆର୍ଥିକ ପରିବେଶରେ ନୂଆ ପରିବର୍ତ୍ତନ ଆଣୁଛି । ବିବାହ ଋତୁରେ ସକାଳୁ ବ୍ରହ୍ମପୁର ବଜାରରେ ଦେଖିବାକୁ ମିଳୁଛି କପ୍‌ଲଙ୍କ ସହ ଫଟୋଗ୍ରାଫର୍‌ଙ୍କୁ । ସହରର ରାସ୍ତାଘାଟ, ବଜାର, ପାର୍କରେ ସୁଟିଂ ହେଉଛି । ପରେ ଟିଜର ଓ ପି-ୱେଡିଂ ଭିଡିଓ ହୋଇ ସୋସିଆଲ ମିଡିଆରେ ଘୂରି ବୁଲୁଛି ।

**● ପ୍ରତି ଛକରେ ଓ ରାସ୍ତାକଡ଼ ପାର୍କରେ ଜମୁଛି ଫଟୋସୁଟ୍‌ର ଆସର**
**● ଲୋକାଲ୍‌କୁ ଗୁରୁତ୍ୱ, ବାହାରକୁ ଯାଉନାହାନ୍ତି ଭାବି ବର-କନ୍ୟା**



ଏନେଇ ଫଟୋଗ୍ରାଫର ମାନଙ୍କ ମତ ଅନୁସାରେ ଲୋକାଲ୍‌ରେ ଫଟୋସୁଟ୍ କରିବା ଦ୍ୱାରା ସମୟ ତ ବଞ୍ଚୁଛି । ଏଥିସହ ପକେଟ୍ ଫ୍ରେଣ୍ଡଲି । ଫୁଟେଜ୍‌ରେ ସମସ୍ୟାରେ ରହିଲେ ପୁଣିଥରେ ଆସି ଉତ୍ତୋଳନ କରାଯାଇପାରୁଛି । ସହରର ଭାପୁର ବଜାର, ଅନ୍ନପୂର୍ଣ୍ଣା ମାର୍କେଟ, ଅର୍ବାନ ବ୍ୟାଙ୍କ୍ ରୋଡ୍, ରାମଲିଙ୍ଗେଶ୍ୱର ପାର୍କ, ବଡ଼ବଜାର, ସାନବଜାର, ହନୁମାନ ବଜାର, ଭିଭିଆଇପି ରୋଡ଼ ସମେତ ବିଭିନ୍ନ ରାସ୍ତା, ମନ୍ଦିର ଅଞ୍ଚଳ ଏବେ ଫିଲ୍ମସିଟି ପାଲଟିଛି । ଫଟୋସୁଟ୍ ବେଳେ ବଜାରର ଏକ ଚା' ଦୋକାନ ଆଗରେ ବସି ଭାବି ସ୍ୱାମୀ-ସ୍ତ୍ରୀ ଚାହା ପିଇବା, ପେପର ପଢିବା ଆଦି ସମୟରେ ଫଟୋ ଓ ଭିଡ଼ିଓକୁ ସମ୍ପ୍ରତି ଅଗ୍ରାଧିକାର ଦିଆଯାଉଛି । ଏହା ସହ ବିଭିନ୍ନ ସମୟରେ ଚାଲିଥିବା ଟ୍ରେଣ୍ଡିଂକୁ ଧରି ଫଟୋ ଉଠାଯାଉଛି । ଯାହାକୁ ଦର୍ଶକ ମଧ ବେଶ ପସନ୍ଦ କରୁଛନ୍ତି ।

# ସାଇବର ଠକେଇର ପର୍ଦ୍ଦାଫାସ୍; ଦୁଇ ଗିରଫ

ବୁଗୁଡା,୨୨।୨(ସମିସ): ବୁଗୁଡା ପୁଲିସ ଏକ ସାଇବର ଠକେଇ ନେଟୱାର୍କର ପର୍ଦ୍ଦାଫାସ କରି ଦୁଇ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦ୍ୱୟ ହେଲେ ଆସ୍କା ଥାନା ଅନ୍ତର୍ଗତ ଫାପଲପୁର ଗ୍ରାମର ମନୋଜ କୁମାର ସ୍ୱାଇଁ(୩୨) ଓ ଅଶ୍ୱିନୀ କୁମାର ରାଉତ (୨୪)। ଏନେଇ ପୁଲିସ କେସ୍‌ନଂ ୮୧ ଓ ୮୨/୨୬ରେ ଦୁଇଟି ମାମଲା ରୁଜୁ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।



ବୁଗୁଡ଼ା ଥାନା ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କରେ ବ୍ୟବହୃତ ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଜାରି କରାଯାଇଥିବା ତାଲିକା ଆଧାରରେ ବୁଗୁଡ଼ା ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଏବଂ ଅନ୍ୟ କେତେକ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ୍ ଯାଞ୍ଚ ଆରମ୍ଭ କରିଥିଲା। ପୁଲିସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ ବେଳେ ଅନେକ ମ୍ୟୁଲ୍ ଆକାଉଣ୍ଟରୁ ୩୦ ଲକ୍ଷ ଟଙ୍କାର ଠକେଇ କାରବାର ଠାବ କରାଯିବା ସହ ସାଇବର ଠକଙ୍କ ବ୍ୟାଙ୍କ ପାସବୁକ୍, କାରବାର ବିବରଣୀ, ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରାଯାଇଛି। ଏଥି ସହ ଯାଞ୍ଚ ସମୟରେ ଏହି ସାଇବର ଠକେଇ ନେଟୱର୍କର ଅନ୍ୟତମ ଅଂଶୀଦାର ଭାବେ ଝାଡ଼ଖଣ୍ଡର ରାହୁଲ କୁମାର ମଣ୍ଡଳ ଓ ଉମେଶ କୁମାର ମଣ୍ଡଳଙ୍କୁ ଚିହ୍ନଟ କରାଯାଇଛି। ତେବେ ପୁଲିସ ବିଏନ୍‌ଏସ୍ ଧାରା ୩୧୮ (୪), ୩୩୬(୩) , ୩୪୦(୨), ୬୧(୨), ୧୧୨(୨)/୩(୫) ଏବଂ ଆରଡବ୍ଲୁ ଧାରା ୬୬-ଡି ଆଇଟି ଆଇନ ଅନୁଯାୟୀ ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରି ଏହି ସାଇବର ଠକେଇ ଅପରାଧର ଚେର କେଉଁ ପର୍ଯ୍ୟନ୍ତ ଲମ୍ବି ରହିଛି ସେନେଇ ପୁଲିସ ଅନୁସନ୍ଧାନ ଜାରି ରଖିଛି।

# ୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ; ୨ ଗିରଫ

ଭଞ୍ଜନଗର,୨୨।୨(ସମିସ):

ଭଞ୍ଜନଗର ପୁଲିସ ୬ ଲକ୍ଷ ଟଙ୍କାର (୫୧ଗ୍ରାମ ୭୪ ମିଲିଗ୍ରାମ) ବ୍ରାଉନ୍‌ସୁଗର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର ଚନ୍ଦନ ମହାପାତ୍ର ଓ ଭଞ୍ଜନଗର ଥାନା ଅନ୍ତର୍ଗତ ଭେଜିପୁଟ ଗ୍ରାମର ଓମ୍ ପ୍ରକାଶ ସ୍ୱାଇଁ।




ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନା ପ୍ରକାରେ, ଶନିବାର ଏହି ଥାନା ଅନ୍ତର୍ଗତ ଶାଲୁଆପଲ୍ଲୀ ମୁଖ୍ୟରାସ୍ତା ନିକଟରେ ପୁଲିସ ଏସ୍‌ଆଇ ସମୀର କୁମାର ସେଠୀ ଅନ୍ୟ କିଛି କମ ଚୋରଙ୍କ ସହ ପାଟ୍ରୋଲିଂ କରୁଥିବା ବେଳେ ୨ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖି ଅଟକାଇଥିଲେ। ଯାଞ୍ଚ କରିବାବେଳେ ସେମାନଙ୍କ ନିକଟରୁ ବ୍ରାଉନ୍‌ସୁଗାର ମିଳିଥିଲା।

ଏନେଇ ତୁରନ୍ତ ଥାନା ଅଧିକାରୀଙ୍କୁ ସୂଚିତ କରିବା ପରେ ଏ କ ଜି କ୍ୟୁ ଟି ଭ୍ ମ । ଜି ଷ୍ଟ୍ରେ ଟ୍ ଙ୍କ ଉପସ୍ଥିତିରେ ତଲାସୀ ସମୟରେ ୫୧.୭୪ ଗ୍ରାମ ବ୍ରାଉନ୍‌ସୁଗର ମିଳିଥିଲା। ଏଥିସହ ଗୋଟିଏ ସ୍କୁଟି ଓ ନଗଦ ୨୭ଶହ ଟଙ୍କା ମଧ୍ୟ ଜବତ କରାଯାଇଥିଲା। ଏନେଇ ଥାନା କେଶ ନଂ.୧୬୬ /୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ମା’ ସାତ ଭଉଣୀଙ୍କ ବିଗ୍ରହ ପ୍ରତିଷ୍ଠା



ଗଞ୍ଜାମ,୨୨।୨(ସମିସ): ଗଞ୍ଜାମ ସହର କୈବର୍ତ୍ତ ସାହିଠାରେ ଥିବା ମା ସାତ ଭଉଣୀଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାତଃରେ ଋଷିକୂଲ୍ୟା ନଦୀ ଘାଟରୁ କଳସ ଯାତ୍ରା ପରେ ଘୃତ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଅବସରରେ ମନ୍ଦିରରେ ଦଶ ମହାବିଦ୍ୟା ବିଗ୍ରହ ଓ ମା କତ୍ୟାୟିନୀଙ୍କ ବିଗ୍ରହ ମଧ୍ୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ବିଭୁତି ଭୂଷଣ ତ୍ରିପାଠୀ ଓ ପ୍ରକାଶ ଚନ୍ଦ୍ର ଶତପଥୀଙ୍କ ଶିବ କାଳୀ ବେଦ ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପୁରୋହିତ ତନ୍ମୟ ଷଡଙ୍ଗୀ, କେଦାର ପଣ୍ଡା ଓ ମଣ୍ଟୁ ପଣ୍ଡା ପ୍ରମୁଖ ହୋମ ଓ ଘୃତ ଯଜ୍ଞରେ ମନ୍ତ୍ର ପାଠ କରିଥିଲେ। ମା’ ସାତ ଭଉଣୀ ମନ୍ଦିର ପୂଜକ ଡମ୍ବୁରୁ ରାଉଳ ପଣ୍ଡିତ ମାନଙ୍କୁ ଯଜ୍ଞ ସ୍ଥଳରେ ସହଯୋଗ କରିଥିଲେ। କୈବର୍ତ୍ତ ସାହି ବାସିନ୍ଦା ରମେଶ ଚନ୍ଦ୍ର ବେହେରା ଓ ତାଙ୍କ ଧର୍ମ ପତ୍ନୀଙ୍କ ଦ୍ୱାରା ହୋମ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ରମେଶ ଚନ୍ଦ୍ର ମହାପାତ୍ର, ସନା ବେହେରା, କାଙ୍ଗାଳି ବେହେରା, ବ୍ରଜ ସୁନ୍ଦର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଗଞ୍ଜାମ/ଛତ୍ରପୁର,୨୨।୨(ସମିସ): ସ୍ଥାନୀୟ ଜନ ଶିକ୍ଷଣ ସଂସ୍ଥାନ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଯୋଗଦେଇ ଅନ୍ତର୍ଜାତୀୟ ମାତୃଭାଷାର ଆଭିମୁଖ୍ୟ ସମ୍ପର୍କରେ କହିବାକୁ ଯାଇ ବ୍ରିଟିଶ ଶାସନ ସମୟରେ ଭାରତ ବର୍ଷର ମାତୃଭାଷା ପ୍ରତି ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଓ ଓଡ଼ିଆ ମାତୃଭାଷା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ, କବି ତଥା ପୂର୍ବତନ ବାର ଆସୋସିଏସନ ସଭାପତି ଲକ୍ଷଣ ପଣ୍ଡା ମାତୃଭାଷା ସମ୍ବନ୍ଧ ସ୍ୱଲିଖିତ କବିତା ଗାନ କରିଥିଲେ। ଉମାକାନ୍ତ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଡି. ବିଷ୍ଣୁପ୍ରିୟା, ବାଦଲ କୁମାର ଜେନା, ସୁବାସ ଚନ୍ଦ୍ର ସାହୁ, ସୀମାଞ୍ଚଳ ସାହୁ ଓ କାହ୍ନୁଚରଣ ବେହେରା ସହଯୋଗ କରିଥିଲେ।

## ଏସ୍‌ଡିପିଆରଓଙ୍କ ବଡ଼ ମା’ଙ୍କ ସ୍ମୃତିସଭା

ଭଞ୍ଜନଗର,୨୨।୨(ସମିସ): ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ବଡ଼ ମା’ ଖଲି ନାୟକଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ପୈତୃକ ଗ୍ରାମ ବେଲଗୁଣ୍ଠା ଙ୍ଗଳପୁରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱର୍ଗତ ଖଲି ନାୟକଙ୍କ ବଡ଼ପୁଅ ଟାଟାଷ୍ଟିଲ ଇଞ୍ଜିନିୟର ଯୋଗେନ୍ଦ୍ର ନାୟକ, ସାନପୁଅ ଖୋର୍ଦ୍ଧା ୬ଷ୍ଠ ଆଇଆରବି ଡେପୁଟି କମାଣ୍ଡାଣ୍ଟ ରବୀନ୍ଦ୍ର ନାୟକଙ୍କ ସମେତ ଭଞ୍ଜନଗର ଏସ୍‌ଡିପିଓ ଡକ୍ଟର ଦୀପକ କୁମାର ମିଶ୍ର ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପିଲାମାନେ ବଡ଼ ଚାକିରି ସହ ଉଚ୍ଚ ପଦବୀରେ କାର୍ଯ୍ୟ କରୁଥିଲେ ମଧ୍ୟ ଖଲି ନାୟକ କିନ୍ତୁ ଗାଁ ମାଟିକୁ ବିଶେଷ ଭଲ ପାଉଥିଲେ। ତେଣୁ ସେ ଗାଁରେ ସବୁକିଛି କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଆଉ ମା’ଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ଗାଁରେ ହିଁ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା ବୋଲି କହିଛନ୍ତି ଏସ୍‌ଡିଆଇପିଆରଓ ଶ୍ରୀ ନାୟକ।

**ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ**

# ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି

ପୋଲସରା,୨୨।୨(ସମିସ): ପୋଲସରା ଅଞ୍ଚଳରେ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ସାଙ୍ଗକୁ ବେପାରୁଆ ନୀତି ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବୁଢ଼ାମ୍ବ ଠାରୁ ଭାୟା ପୋଲସରା ବୁଗୁଡ଼ା ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ସାଙ୍ଗକୁ ଉନ୍ନତିକରଣ ପାଇଁ ଟେଣ୍ଡର ହୋଇ ମନଇଚ୍ଛା କାର୍ଯ୍ୟ ହେଉଥିବା ଅଭିଯୋଗ ଆସିଛି। ଏହି କାର୍ଯ୍ୟଟିକୁ ଏଆରଆରଏସ ନାମକ ସଂସ୍ଥା କାର୍ଯ୍ୟ କରୁଛି। କିନ୍ତୁ ବିଡମ୍ବନାର କଥାହେଲା ହୀରାପଲ୍ଲୀ ଛକ ନିକଟ ବିଷଧରା ଘାଇ ଠାରେ ଲକ୍ଷ୍ମଣପଲି ରାସ୍ତା ମଧ୍ୟରେ ରାସ୍ତାଟି ସମ୍ପୂର୍ଣ୍ଣ ସଂକୀର୍ଣ୍ଣ କରି ପକାଯାଇଛି ତାହା ପୁଣି ପୂର୍ତ୍ତ ବିଭାଗ ଯନ୍ତ୍ରୀ ଲମ୍ବୋଦର ବେହେରାଙ୍କ ନିର୍ଦ୍ଦେଶ ଓ ଉପସ୍ଥିତିରେ ତିଆରି ହୋଇଛି। ଯେଉଁ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ନାଜିର ଅଛି। ଏପରିକି ସେହି ସ୍ଥାନ ନିକଟରେ କିଛିଦିନ ତଳେ ଜଣେ ବ୍ୟକ୍ତିଙ୍କର ବସ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସରକାରଙ୍କ ନିୟମ ଅନୁସାରେ ୧୦ ମିଟର ଚଉଡ଼ାରେ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। କିନ୍ତୁ ସେଠାରେ ମାତ୍ର ୭. ୫ ମିଟରରେ ପିଚୁ ପକାଯାଇଛି। ଆହୁରି ପୁଣି ମୁଖ୍ୟ ରାସ୍ତାର ପଶ୍ଚିମ ପାର୍ଶ୍ୱରେ ଏକ ନାଳ (କଂକ୍ରିଟ ଡ୍ରେନ) କରାଯାଇଛି ତାହା ପୁଣି ଅଧାପନ୍ତରିଆ ହୋଇ ପଡ଼ିରହିଛି। ତା’ ସାଙ୍ଗକୁ ପୁଣି ସେହି ସ୍ଥାନରେ ଜଳଯୋଗାଣ ଲାଗି ହୋମ୍ ପାଇପ ପକାଯାଇ ଦୁଇ ପାଖର୍ ୱାଲ କରାଯାଇଥିଲା। ଯନ୍ତ୍ରୀ ଲମ୍ବୋଦରଙ୍କ ମନମୁଖୀ କାର୍ଯ୍ୟଲାଗି ଉକ୍ତ ସ୍ଥାନରେ ୭.୫ ମିଟର ଚଉଡ଼ାରେ ପିଚୁ ପଡିଲା, ତା ସାଙ୍ଗକୁ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ୱାଲ ଦୁଇଟିକୁ ଜେସିବି ଲଗାଇ ଭାଙ୍ଗି ଦିଆଗଲା। ସେହି ସମୟରେ କିଛି ବୁଦ୍ଧିଜୀବୀ ଏହାକୁ ପ୍ରତିବାଦ କରିଥିଲେ ମଧ୍ୟ କୌଣସି କଥାକୁ ଯନ୍ତ୍ରୀ ଭ୍ରୂକ୍ଷେପ କରିନଥିଲେ। ତେଣୁ ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ପ୍ରମୁଖ ସମସ୍ୟାକୁ ନେଇ ଯନ୍ତ୍ରୀ ଲମ୍ବୋଦର ବେହେରା କୁହନ୍ତି ଦୁର୍ଘଟଣା ଘଟୁଥିବା କାରଣରୁ ରାସ୍ତାର ଚଉଡ଼ାକୁ କମ କରାଯାଇ ପିଚୁ ପକାଗଲା ବୋଲି କହିଥିଲେ। ଅଧିକା ପ୍ରତିକ୍ରିୟା ନେବା ଲାଗି ୩ ରୁ ୪ ଥର ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା।

## ବିଜେଡିର ବ୍ଲକ ସଭାପତି ହେଲେ ଏସ୍. ଚକ୍ରପାଣି ଏବଂ ନଗର ସଭାପତି ବି. ରାଜୁବାବୁ

ଛତ୍ରପୁର,୨୨।୨(ସମିସ): ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଛତ୍ରପୁର ବ୍ଲକ ଏବଂ ନଗର ସଭାପତି ନିଯୁକ୍ତ କରାଯାଇଛି। ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଛତ୍ରପୁର ନଗର ବିଜେଡି ସଭାପତି ଭାବେ ପୂର୍ବତନ କାଉନସିଲର ବି. ରାଜୁବାବୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ରମିକ ନେତା ଓ ସୁସଂଗଠକ ଭାବେ ପରିଚିତ ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀଙ୍କୁ ଛତ୍ରପୁର ବ୍ଲକ





ବିଜେଡି ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ସଭାପତି ଭାବେ ନିଯୁକ୍ତ ପାଇବା ପରେ ଉଭୟଙ୍କୁ ଦଳୀୟ ନେତା ଓ କର୍ମୀ ଏବଂ ନିର୍ବାଚିତ ପ୍ରତିନିଧି ଶୁଭେଚ୍ଛା ଜଣାଇଛନ୍ତି। ଦଳୀୟ ସଂଗଠନକୁ ସୁଦୃଢ କରିବା ସହ ଜନସାଧାରଣଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଉଭୟ ମତବ୍ୟକ୍ତ କରିଛନ୍ତି। ଏହା ସହିତ ଉଭୟ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା ଏବଂ ଦଳର ରାଜ୍ୟ, ଜିଲ୍ଲା, ସ୍ଥାନୀୟ ନେତୃବୃନ୍ଦ ଓ କର୍ମୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୨।୨(ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ବାରୁଡ଼ା ନିକଟରେ ରବିବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଲିପଡ଼ା ଗ୍ରାମର ପ୍ରଭାତ ନାୟକ (୨୪)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ପ୍ରଭାତ ରବିବାର ଅପରାହ୍ନରେ ବାଇକ୍ ଯୋଗେ ଗାଁରୁ ଭଞ୍ଜନଗର ଅଭିମୁଖେ ଯାଉଥିଲେ। ଏହି ସମୟରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଏହାପରେ ସଂପୃକ୍ତ ଅଞ୍ଚଳବାସୀ ପ୍ରଭାତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ମେଡିକାଲରେ ପ୍ରଭାତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ବିଶ୍ୱ ମାତୃଭାଷା ଦିବସ ପାଳିତ

ରମ୍ଭା,୨୨।୨(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଞ୍ଜାମ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ. ଅଜିତ କୁମାର ମୁନି ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ନବୀନ କୁମାର ପ୍ରମାଣିକ ଉତ୍ସବର ସଂଯୋଜନା କରିଥିବା ବେଳେ ଅନୁପମା ଦାସ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଡ. ନିହାରିକା ସାମନ୍ତରାୟ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରଜ୍ଞା ପରିମିତା, ଶିକ୍ଷକ ପ୍ରଶିକ୍ଷିକା ଲିପିଶ୍ରୀ ଦେବୀ, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼, ଶିକ୍ଷକ ପ୍ରଶିକ୍ଷକ ମୁକ୍ତି କାନ୍ତ ବେହେରା, ନବୀନ କୁମାର ପ୍ରମାଣିକ, ସୁକୁମାର ଟୁଡୁ, ଶିକ୍ଷକ ପ୍ରଶିକ୍ଷିକା ଗାୟତ୍ରୀ ସ୍ୱାଇଁ, ଅନୁପମା ଦାସ, ବବିତା ସିଂ ନାୟକ, ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀ, କନିଷ୍ଠ ସହାୟିକା ନିରୁ ପ୍ରଧାନ, ଲକ୍ଷ୍ମୀଶଙ୍କର ଗୌଡ଼ ଏବଂ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ଅନୁପମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଭୁ ସ୍ମୃତି ଭବନ ଉଦ୍‌ଘାଟିତ

ବେଲଗୁଣ୍ଠା,୨୨।୨(ସମିସ): ବେଲଗୁଣ୍ଠା ବ୍ଲକ୍ ଗୋବରା ପଞ୍ଚାୟତର ବାସୁଦେବପୁର ଠାରେ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପ୍ରଭୁ ସ୍ମୃତି ଭବନ ଠାରେ ଉଦଘାଟନ ହୋଇଯାଇଛି। ଉଦଘାଟନୀ ସମାରୋହରେ ରାଜଯୋଗିନୀ ବ୍ରହ୍ମକୁମାରୀ ମାଳା ଦିଦିଜୀଙ୍କ ସହ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବେଲଗୁଣ୍ଠା ବିଡିଓ ସିଙ୍ଗିପୁରମ୍ ହରି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଗୋବରା ସମିତିସଭ୍ୟ ବିଭୂପାଦ ଜେନା, କ୍ଷତ୍ରିୟବରପୁର ସମିତିସଭ୍ୟ କୁଞ୍ଜବିହାରୀ ନାୟକ, ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ଜିଲ୍ଲାପରିଷଦ ସଭ୍ୟ ପୂର୍ଣ୍ଣବାସୀ ନାୟକ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ଓଏସ୍‌ସିଆଇଟି ଶିକ୍ଷା କ୍ଷେତ୍ରରେ ଗଞ୍ଜାମ ଦ୍ୱିତୀୟ

ଛତ୍ରପୁର,୨୨।୨(ସମିସ): ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନରେ କାମ କରୁଥିବା ଓକେସିଏଲ୍ ପକ୍ଷରୁ ଦିଆଯାଉଥିବା କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ସମଗ୍ର ରାଜ୍ୟରେ ୨ୟ ସ୍ଥାନ ଅଧିକାର କରିଛି। ଶନିବାର ଭୁବନେଶ୍ୱର ରେଳ ଅଡିଟୋରିୟମରେ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪ ତମ ବାର୍ଷିକୋତ୍ସବରେ ଓକେସିଏଲର ଗଞ୍ଜାମ ଜିଲ୍ଲା ମୁଖ୍ୟ ଏସ. ରେଖା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ଏହା ସହିତ ରେଖା ମହାନ୍ତିଙ୍କ ଛତ୍ରପୁର ସ୍ଥିତ ରେଖାସ ଡିଜିଟାଲ ଏଜୁକେସନରେ ୨୦୨୫ କ୍ୟାଲେଣ୍ଡର ବର୍ଷରେ ୬ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଇଥିବା ସହ ଗଞ୍ଜାମ ଜିଲ୍ଲାରେ ଓକେସିଏଲର ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଓଡ଼ିଶାର ଶ୍ରେଷ୍ଠ ମହିଳା ଉଦ୍ୟୋଗୀ ଭାବେ ମଧ୍ୟ ଶ୍ରୀମତି ରେଖାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ସ୍ୱତନ୍ତ୍ର ସଚିବ ଡକ୍ଟର ପ୍ରଦୀପ କୁମାର ରାଉତ ଉଦ୍‌ଘାଟକ ଭାବେ ଯୋଗଦେଇ ପୂର୍ବାହ୍ନ ସାଢ଼େ ୯ଟା ବେଳେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାବେଶକୁ ସମ୍ବୋଧିତ କରିଥିଲେ। ଆଞ୍ଚଳିକ ପରିଚାଳିକା ଇପ୍ସିତା ମିଶ୍ର ଓ ଜୟଶ୍ରୀ ଦେହୁରୀ ମଞ୍ଚ ସଂଯୋଜନା କରିଥିବା ବେଳେ ସିଏସ୍ ସସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




## ଲାୟନ୍ସ କ୍ଲବ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ



କବିସୂର୍ଯ୍ୟନଗର,୨୨।୨(ସମିସ): କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ପକ୍ଷରୁ ୩୫ରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ଓ ଖାଦ୍ୟ ବଣ୍ଟନ କରାଯାଇଛି। ଏନେଇ ଆଶ୍ରିତା ବୃଦ୍ଧାଶ୍ରମରେ କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ସଭାପତି ଲାୟନ୍ସ ଇଂ. କୃପାସିନ୍ଧୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଡିଜି ଡ଼ଃ. ହେମନ୍ତ କୁମାର ଖୁଣ୍ଟିଆ, ସମ୍ମାନିତ ଅତିଥି ସମିତିସଭ୍ୟ କମ୍ବୁପାଣି ନାହାକ, ଲାୟନ୍ସ କ୍ଲବ ସମ୍ପାଦକ ପ୍ରଭାସ ଚନ୍ଦ୍ର ନାହାକ, କୋଷାଧ୍ୟକ୍ଷ ସୁପ୍ରଭା ଶତପଥୀ ମଞ୍ଚାସୀନ ଅତିଥି ଥିଲେ। ସଭାପତି ଶ୍ରୀ ସ୍ୱାଇଁ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ସମ୍ପାଦକ ଶ୍ରୀ ନାହାକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଆଇପିପି ମାହେଶ୍ୱରୀ ଦୋରା ଓ ଉପସଭାପତି ପୁଷ୍ପାଞ୍ଜଳି ମହାପାତ୍ର ସମାଜ ପାଇଁ ଲାୟନ୍ସ କ୍ଲବ କିପରି ସହାୟତା ପ୍ରଦାନ କରିଆସୁଛି ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଡିଜି ଡ. ହେମନ୍ତ ଖୁଣ୍ଟିଆ ଯୋଗଦେଇଥିଲେ। ଇଂ. ଦିଲୀପ କୁମାର ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ। ଡାଇରେକ୍ଟର ଲାୟନ୍ସ ସୁକୁମାର ମାଝୀ, ମୁକ୍ତିସୁଧା ମାଝୀ, ଡ଼. ଅକ୍ଷୟ କୁମାର ମିଶ୍ର, କେ. ବାଳକୃଷ୍ଣ ରେଡି, ଡ଼. କେ. ସୁଜାତା ରେଡି, ଶ୍ୱେତ ଦୋରା, ଡ଼. ଭାଗିରଥି ଶତପଥୀ, ଡ଼. ଦୀପକ କୁମାର ଶତପଥୀ, ସୁନିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଅପାରଗତା ନା ଅବହେଳା**

# ବିଜେଡ଼ି ଅମଳର ବହୁ ପ୍ରକଳ୍ପ ଏବେ ଅଲୋଡ଼ା

କବିସୂର୍ଯ୍ୟନଗର,୨୨।୨(ସମିସ):

କବିସୂର୍ଯ୍ୟନଗର ସହରକୁ ସରସ ସୁନ୍ଦର କରିବାକୁ ନବୀନ ସରକାରଙ୍କ ଅମଳରେ ନିର୍ମାଣ ହୋଇଥିଲା ଅନେକ ପ୍ରକଳ୍ପ। ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ବିଶେଷକରି ସହରର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିଲା ସେଲ୍‌ଫି ପଏଣ୍ଟ, ଉଚ୍ଚ ମାନର ଉଚ୍ଚତା ଘଣ୍ଟା, କପ ମଗ, ଭେଣ୍ଡିଂ ଜୋନ, ଏଲଇଡ଼ି, ବୁଦ୍ଧଦେବ ଭଳି ଅନେକ କିଛି ପ୍ରକଳ୍ପ। ଆଜି କିନ୍ତୁ ସବୁ ଅଲୋଡ଼ା ହୋଇପଡିଛି। ସରକାର ବଦଳିଗଲା ସତ କିନ୍ତୁ ପୂର୍ବ ସରକାରଙ୍କ ଅମଳରେ ନିର୍ମାଣ ହୋଇଥିବା ଏହି ସବୁ ପ୍ରକଳ୍ପ ଗୁଡିକ ଆଜି ଏକ ପ୍ରକାର ଧ୍ୱଂସ ହୋଇଯାଇଥିବା ବେଳେ ଆଇବ ଛକରେ ବହୁ ଉଚ୍ଚତା ଘଣ୍ଟା ମଧ୍ୟ ଖରାପ ହୋଇଗଲାଣି। ରାସ୍ତାର ମଝିରେ ଲାଗିଥିବା ବିଭିନ୍ନ ସୌନ୍ଦର୍ଯ୍ୟପୂର୍ଣ୍ଣ ଗଛ ଶୁଖି ମରିଗଲାଣି। କପ ମଗରେ ପାଣି ବଦଳରେ ମଦଜରି, ମଦ ବୋତଲ ପଡିଛି ତ କେଉଁଠି ବରଗଛ



ମଧ୍ୟ ଉଠିଗଲାଣି ତଥାପି ଏହାର କୌଣସି ପ୍ରକାର ମରାମତି କରି ପାରିଲେ ନାହିଁ ଏବେକାର ସରକାର। ଯାହାକି ଚିନ୍ତାର କାରଣ ହୋଇଥିବା ବେଳେ କଲେଜ ଆଗରେ ଥିବା ବୁଦ୍ଧଙ୍କ ପ୍ରତିମୂର୍ତ୍ତୀ ମଧ୍ୟ ଧୂଳିଧୁସରରେ ପରିପୂର୍ଣ୍ଣ ହୋଇଗଲାଣି। ଭେଣ୍ଡିଂ ଜୋନ ଅଲୋଡ଼ା ହୋଇପଡିଛି। ଦୁଇଟି ଏଲଇଡ଼ି କାମରେ ଆସୁନି। ଏହା କେବଳ ରକ୍ଷଣାବେକ୍ଷଣ ଅଭାବ କାରଣରୁ ଘଟିଥିବାର ସହରବାସୀ ଅଭିଯୋଗ କରିଥିବା ବେଳେ ବ୍ଲକ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପାର୍କର ଅବସ୍ଥା ମଧ୍ୟ ଢିଲା ହୋଇଗଲାଣି। ପାର୍କର ମଧ୍ୟ ପୋଖରି ଆଉ ସଫା ହୋଇପାରୁନଥିବା ବେଳେ ‘ଆଇ ଲଭ ୟୁ କବିସୂର୍ଯ୍ୟନଗର’ ଫଳକରେ ମଧ୍ୟ ରଙ୍ଗ ଟିକିଏ ଲାଗି ପାରିଲା ନାହିଁ। ଲାଗିଥିବା ଲାଇଟ ଚୋରି ହୋଇଗଲାଣି। ଯାହାକି ଚିନ୍ତାର କାରଣ ହୋଇଥିବା ବେଳେ କାହିଁକି ଏହିଭଳି ଭଳି ଭାବରେ ସହରବାସୀଙ୍କୁ ଲଲିପପ ଦେଖାଯାଉଛି ତାହାକୁ ନେଇ ଅଶାନ୍ତି ବୃଦ୍ଧି ଘଟିଲାଣି। ସରକାରଙ୍କ ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ସବୁ କିଛି ଆଜି ଭଙ୍ଗା ଦଦରା ହୋଇ ସହରର ରାସ୍ତା ପାର୍ଶ୍ୱରେ ପଡିରହିବା ଏକ ହାସ୍ୟାସ୍ପଦ ଘଟଣା ହୋଇଛି। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବିଧାୟକ କହିଛନ୍ତି ବିକାଶ ହେବ କିନ୍ତୁ ଧିରେ ଧିରେ ହେବ ଯାହାକି ଏବେ ସହରାବାଙ୍କ ମଧ୍ୟ ଆଲୋଚନାର କାରଣ ହୋଇଛି।

## ‘ସୁଭଦ୍ରା ଶକ୍ତି ମେଳା’ର ପଞ୍ଚମ ଦିନରେ ଓଡ଼ିଆ ସଂସ୍କୃତିକୁ ହତ୍ୟା

# ଜଗନ୍ନାଥଙ୍କ ଜଣାଣରେ ଫ୍ୟାଶନ୍ ଶୋ’





**ପାରଳାଖେମୁଣ୍ଡି, ୨୨।୨(ସମିସ)**

ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ଠାରେ ଚାଲିଛି ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା। ଆଜି ଏହି ମେଳାର ପଞ୍ଚମ ଦିବସର ରଙ୍ଗାରଙ୍ଗ ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ ସମୟରେ ଓଡ଼ିଆ ସଂସ୍କୃତିକୁ ହତ୍ୟା କରାଯାଇଛି। ଏକ ନୃତ୍ୟ ଦଳ ଜଗନ୍ନାଥ ଜଣାଣ ତଥା ‘ଆହେ ନୀଳ ଶଇଳ’ ଗୀତ ବଜାଇ ଏଥିରେ ନୃତ୍ୟାଙ୍ଗନାମାନେ ଅପସଂସ୍କୃତି ପରିପାଟି ତଥା ପୋଷାକରେ ସଜ୍ଜିତ ହୋଇ ଫେସନ୍ ଶୋ ପରିବେଷଣ କରିଥିଲେ। ଯାହାକୁ ନେଇ କିଛି ସ୍ଥାନୀୟ ସମାଜସେବୀ ମାନେ ତୀବ୍ର ପ୍ରତିକ୍ରିୟା ରଖି ଅଧିକାରୀଙ୍କ ନିକଟରେ ଆପତ୍ତି କରିଥିବା ଦେଖିବାକୁ ମିଳିଥିଲା। ତେବେ ଅଧିକାରୀଙ୍କ ଗଣମାଧ୍ୟମ ଆଗରେ ମତରଖିବା ସଭିଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏହି କାର୍ଯ୍ୟକ୍ରମରେ ଏଭଳି ବ୍ୟତିକ୍ରମ ଥରେ ନୁହେଁ ଦୁଇ ଦୁଇଥର ହେଲାଣି।

ପ୍ରଥମ ଦିବସରେ ‘ପାରଳାଖେମୁଣ୍ଡି’ ବନାନକୁ ଅପଭ୍ରଂଶ କରି ଲେଖି ସରକାରଙ୍କ ଓଡିଆ ଅସ୍ମିତାକୁ ହତ୍ୟା କରାଯାଇଥିବାବେଳେ ଆଜି ସିଧାସଳଖ ଓଡିଆଙ୍କ ଆରାଧ୍ୟ ଦେବତା ତଥା ଜଗତର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣାଣ ‘ଆହେ ନୀଳ ଶଇଳ’ ଭଳି ଜଣାଣରେ ଫ୍ୟାସନ୍ ଶୋ କରି ଓଡିଆ ସଂସ୍କୃତିକୁ ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଛି। ଏହି ପବିତ୍ର ଗୀତରେ ଅପସଂସ୍କୃତି ପୋଷାକ ପିନ୍ଧି ରାମ୍ପରେ ଚାଲିବା ଦୃଶ୍ୟ ଶ୍ରୋତାଙ୍କୁ ବିସ୍ମିତ କରିଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯାଇଥିବା ବେଳେ ଆଜି ପଞ୍ଚମ ଦିନରେ ସଂସ୍କୃତିକୁ ହତ୍ୟା କରିବା ଭଳି ନୃତ୍ୟ ପରିବେଶଣକୁ ନେଇ ନାନାଦି ଆଲୋଚନା ହୋଇଛି। ଏଭଳି ଘଟଣାକୁ ଦେଖିଲେ ଜିଲ୍ଲାରେ ଓଡିଆ ଅସ୍ମିତା ଓ ସଂସ୍କୃତିକୁ କୁଠାରଘାତ କରାଯାଉଥିବାର ସାଧାରଣରେ ଆଲୋଚନା ହେଉଛି। ଏହି ସୁଭଦ୍ରା ଶକ୍ତି ମେଳା ଦ୍ୱାରା ମୁଖ୍ୟକରି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ କିଭଳି ଶସକ୍ତିକରଣ ହୋଇପାରିବେ ଏବଂ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ ମୂଳ ଉଦ୍ଦେଶ୍ୟ ରହିଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ଉତ୍ପାଦିତ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ପଦାର୍ଥ ଓ ଗୃହସଜ୍ଜା ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କିପରି କରିପାରିବେ ସେଥି ସକାଶେ ମହିଳାମାନଙ୍କୁ ନେଇ ସୁଭଦ୍ରା ଶକ୍ତି ମେଳାର ଲକ୍ଷ୍ୟ ରହିଛି। ହେଲେ କିଛି ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ରଙ୍ଗୀନ ମିଜାଜ ଯୋଗୁଁ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଭୁ ଜଗନ୍ନାଥ ତଥା ଓଡିଆ ସଂସ୍କୃତିକୁ ଅପମାନ କରିଥିବା ସଭିଏଁଙ୍କ ମନକୁ କୁଠାରଘାତ କରିଛି।

**କ୍ଷମା ପ୍ରାର୍ଥନା ଦାବିକଲେ ସମାଜସେବୀ**

ଅନ୍ୟପକ୍ଷରେ ଏନେଇ ଜିଲ୍ଲାପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳଙ୍କ ପ୍ରତିକ୍ରିୟା ସଭିଏଁଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ତାଙ୍କୁ ଗଣମାଧ୍ୟମ ପ୍ରତିନିଧି ମାନେ ପଚାରିବାରେ ସେ କହିଛନ୍ତି ଯେ, ଭଜନରେ ଏଭଳି କିଛି ଅଶ୍ଳୀଳତା କରିଥିବା କିମ୍ବା ଏନେଇ କୌଣସି ବିରୋଧାଭାଷ ରହିଥିବା ଆମ୍ଭେ ଭାବୁନାହୁଁ। ଆମ୍ଭ ଓଡିଆଙ୍କ ବିଭିନ୍ନ ହସ୍ତତନ୍ତ୍ର ବସ୍ତ୍ରକୁ ହେଉ କି ପାରମ୍ପାରିକ ବସ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ରହିଥିବା କହିଛନ୍ତି। ଏହାସହ ଶ୍ରୀ ମଣ୍ଡଳ ଆହୁରି କହିଥିଲେ ଯେ, ପ୍ରଭୁଙ୍କୁ ଆରାଧନା କରି ଗଜପତିରେ ଏପରି ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମ କରାଯାଇଥିବା କହିଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଏପରି ଉତ୍ତର ଶୁଣି ସଭିଏଁ ଆଶ୍ଚର୍ଯ୍ୟ ଚକିତ ହୋଇଥିବା ବେଳେ ଏପରି ଅଶ୍ଳୀଳତା ହୋଇଥିବା ଆମ୍ଭେ ଭାବୁ ନାହୁଁ ବୋଲି କହିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ଆଲୋଚନା ହେଉଛି। ଏନେଇ ସମାଜସେବୀ ଲୋକନାଥ ମିଶ୍ର, ବି. କୁର୍ମାରେଡ୍ଡି, ପି.କେ. ପାଢ଼ୀ ପ୍ରମୁଖ ଅଧିକାରୀ ଜଣକ ଦୃଷ୍ଟି ଆକର୍ଷଣ କରି ଆପତ୍ତି କରିଥିଲେ ମଧ୍ୟ ସେ ଭୁଲକୁ ସୁଧାରିବା ପରିବର୍ତ୍ତେ ଓଲଟି ଗଣମାଧ୍ୟମରେ ଏପରି ପ୍ରତିକ୍ରିୟା ଦେଇଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଏହି ସୁଭଦ୍ରା ଶକ୍ତିମେଳାରେ ସହରର ନାମରେ ବନାନ ତ୍ରୁଟି ଓ ପରେ ଜଗନ୍ନାଥ ଜଣାଣରେ ଫ୍ୟାସେନ୍ ଶୋ ପ୍ରଦର୍ଶନ ଆଦିକୁ ନେଇ ପ୍ରଶାସନ କ୍ଷମାମାଗନ୍ତୁ ବୋଲି ଦାବି ହୋଇଛି।

## ଅଜଣା ଜନ୍ତୁ ଆକ୍ରମଣରେ ୧୬ ଛେଳି ମୃତ

**କାଶୀନଗର, ୨୨।୨(ସମିସ):** କାଶୀନଗର ଅଞ୍ଚଳରେ ଅଜଣା ଜନ୍ତୁ ୧୬ ଛେଳି ମାରିଛି। ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ କାଶୀନଗର ବ୍ଲକ କିଡିଗାଁ ଗ୍ରାମବାସୀ ଭି. ରାମଣା ତାଙ୍କ ଛେଳିପଲ ଚରାଇବାକୁ କାଶୀନଗର ସହରର ଏକ ଜମି କ୍ଷେତକୁ ନେଇଥିଲେ। ସେଠାରେ ଛେଳିଙ୍କୁ ରଖିଥିବା ସମୟରେ କୌଣସି ଏକ ବନ୍ୟ ଜନ୍ତୁ ଛେଳିପଲକୁ ଆକ୍ରମଣ କରିଥିଲା। ଏଥିରେ ୧୨ ଛେଳିଙ୍କ ମୃତ୍ୟୁ ହୋଇଥିବା ବେଳେ ଉପରେ ୪ ଛେଳି ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଟଣା ଘଟିବାର କିଛି ସମୟରେ ମାଲିକ ଜଣକ ସମାଜସେବୀ



ପାନାସା ନାଗାରାଜୁଙ୍କୁ ଜଣାଇଥିଲେ। ଯୁବକ ଜଣକ ବନବିଭାଗକୁ ସୂଚନା ଦେଇଥିଲେ। ସଙ୍ଗେ ସଙ୍ଗେ ଫରେଷ୍ଟ ରେଞ୍ଜର ବ୍ରହ୍ମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଫରେଷ୍ଟର ବଳରାମ ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରବର୍ତ୍ତୀ ସମୟରେ ବନ ବିଭାଗ ପକ୍ଷରୁ ପଶୁଚିକିତ୍ସା ବିଭାଗକୁ ସୂଚନା ଦେଇ ମୃତ ଛେଳଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଫରେଷ୍ଟର ସୂଚନା ଦେଇଛନ୍ତି। ମୃତ ଛେଳି ମାଲିକଙ୍କୁ ସରକାରଙ୍କ ପକ୍ଷରୁ ସହାୟକ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଅନୁରୋଧ କରାଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସରକାର ସହାୟକ ପାଇଁ ଚେଷ୍ଟା କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ କିନ୍ତୁ ଆକ୍ରମଣ କରିଥିବା ଜନ୍ତୁ ବଣୁଆ ବିଲୁଆ ହୋଇଥିବା ସନ୍ଦେହ କରାଯାଉଛି।

## ନୂତନ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ



**ରାୟଗଡ଼, ୨୨।୨(ସମିସ):** ରାୟଗଡ଼ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଅଶ୍ୱିନ କୁମାର ଭିତିରିଆ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଏଠାରେ ଥିବା କମଳା ଚୌଧୁରୀଙ୍କୁ ସେରଙ୍ଗ ଥାନାକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ଆର. ଉଦୟଗିରି ଥାନା ଅଧିକାରୀ ଥିବା ଶ୍ରୀ ଭିତିରିଆ ରାୟଗଡ଼ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଞ୍ଚଳରେ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟ କଳାପକୁ ଦମନ ସହ ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ ବୋଲି ଶ୍ରୀ ଭିତିରିଆ କହିଛନ୍ତି।

## ବିଦ୍ୟାଳୟ ଭୋଜନାଳୟ ଗୃହ ନିର୍ମାଣ ଅଧପନ୍ତରିଆ

**● ବିନା ସୂଚନାଫଳକରେ ଚାଲିଛି କାମ**



**ଗୁମ୍ମା, ୨୨।୨(ସମିସ):** ସରକାର ଉପାନ୍ତ ଅଞ୍ଚଳରେ ପାଠ ପଢୁଥିବା ଆଦିବାସୀ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ଅନୁଷ୍ଠାନରେ ରହିବା, ଖାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବରେ ସରକାରୀ ଅର୍ଥ ସଠିକ ଭାବେ କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ ଗୁମ୍ମା ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ତେବାସୀଙ୍କ ପାଇଁ ଭୋଜନାଳୟ ଗୃହ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। କିନ୍ତୁ ଠିକାଦାରଙ୍କ ଅବହେଳା ଯୋଗୁଁ ଉକ୍ତ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ଦୀର୍ଘ ୬ମାସ ହେବ ବନ୍ଦ ରହିଛି। ସେହିପରି ଭୁବନି ସରକାରୀ ବିଦ୍ୟାଳୟ ଭୋଜନାଳୟ ନିମନ୍ତେ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୃହ କାର୍ଯ୍ୟ ମଧ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ସରକାରୀ ନିୟମ ଅନୁସାରେ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ବାଧ୍ୟତାମୂଳକ ଥିବାବେଳେ ଉଭୟ ନିର୍ମାଣ କାର୍ଯ୍ୟ ଅଧା ହେଲାଣି କିନ୍ତୁ କୌଣସି ସ୍ଥାନରେ ସୂଚନା ଫଳକ ନଥିବା ସାଧାରଣରେ ଚିନ୍ତାର ବିଷୟ ପାଲଟିଛି। ଠିକାଦାର କୁଏଲ ଶିବ ଗୌଡ଼ ନାମକ ଜଣେ ପେଟି ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ କରୁଥିବା ବେଳେ ପେଟି ଠିକାଦାର ସୁକେଇ ଗ୍ରାମର ଶ୍ରମିକ ମଜୁରୀ ଟଙ୍କା ଦେଇନଥିବା ଅଭିଯୋଗ ହୋଇଛି। ଉକ୍ତ ଠିକାଦାରକୁ ନୋଟିସ କରାଯାଇଛି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶିବ ବେହେରା କହିଛନ୍ତି।

## ଆଇସିୟୁ ନ ଥିବା ଓ ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ପାରଳାଖେମୁଣ୍ଡି/ଗୁମ୍ମା, ୨୨।୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅବ୍ୟବସ୍ଥା ଘେରରେ ରହିଥିବା କାହାକୁ ଅଛପା ନାହିଁ। ବାରମ୍ବାର ଚିକିତ୍ସାଳୟର ଅବ୍ୟବସ୍ଥା ଓ ବିଭିନ୍ନ ସମସ୍ୟାକୁ ନେଇ ନୂଆ ନୂଆ ବିବାଦ ଆଦି ଉପୁଜୁଥିଲେ ମଧ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଚେଇଁ ଶୋଇଛି। କେତେବେଳେ ଚିକିତ୍ସାରେ ଅବହେଳା ତ ଆଉ କେତେବେଳେ ଡାକ୍ତରଙ୍କ ଅଭାବ ଆଦିକୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ। ଏହି ଚିକିତ୍ସାଳୟକୁ ଦୈନନ୍ଦିନ ଜିଲ୍ଲାର କୋଣ ଅନୁକୋଣରୁ ରୋଗୀଙ୍କ ସୁଅ ଛୁଟୁଥିବା ବେଳେ ପଡୋଶୀ ଜିଲ୍ଲା ରାୟଗଡ଼ା ଏବଂ ପଡୋଶୀ ରାଜ୍ୟ ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାର ରୋଗୀ ମଧ୍ୟ ଏହିଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ବାସ୍ତବ ଚିତ୍ର ଅଲଗା। ରୋଗୀଙ୍କ ଅବସ୍ଥା ଟିକିଏ ଜଟିଳ ଥିଲେ ବ୍ରହ୍ମପୁର କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିଦିଆଯାଏ। ଜିଲ୍ଲାସ୍ତରୀୟ ସରକାରୀ ଚିକିତ୍ସାଳୟ ହୋଇଥିଲେ ହେଁ ଏଠାରେ ଆଜି ପର୍ଯ୍ୟନ୍ତ ଆଇସିୟୁ ନଥିବା ଯୋଗୁଁ ଜଟିଳ ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ଥିବା ରୋଗୀଙ୍କ ମୃତ୍ୟୁ ହେଉଛି।



ଶନିବାର ବିଳମ୍ବିତ ରାତିରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତ ମହିଳା ଜଣଙ୍କ ହେଲେ ଗୁମ୍ମା ବ୍ଲକ ଗାଇବା ଖ୍ରୀଷ୍ଟିଆନ ସାହିର ଦୀପ୍ତିରାଣୀ ବେବର୍ତ୍ତା(୪୨)। ଶନିବାର ମଧ୍ୟରାତ୍ର ପ୍ରାୟ ଗୋଟାଏ ବେଳେ ଦୀପ୍ତିରାଣୀ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପହଁଞ୍ଚିବା ପରେ ଡାକ୍ତର ଗୁରୁତର ସହ ରୋଗୀଙ୍କ ଚିକିତ୍ସା କରିନଥିଲେ କି ଜରୁରୀସେବା ମଧ୍ୟ ଯୋଗାଇ ନଥିଲେ। ଯାହାଫଳରେ ରାତି ସାଢ଼େ ଗୋଟାଏ ବେଳେ ରୋଗୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆୟୁସିୟୁ ନଥିବା ଏବଂ ଚିକିତ୍ସାରେ ଅହେତୁକ ବିଳମ୍ବ ଯୋଗୁଁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କାର୍ଯ୍ୟରତ ଡାକ୍ତର କେବଳ ମୋବାଇଲ ଦେଖିବାରେ ବ୍ୟସ୍ତ ରହିଥିଲେ ବୋଲି ମୃତକଙ୍କ ସମ୍ପର୍କୀୟ ପ୍ରେମ କୁମାର ବେବର୍ତ୍ତା, ଜନସନ ବେବେର୍ତ୍ତା ଓ ଜଗଦୀଶ ବେବେର୍ତ୍ତା କହିଛନ୍ତି। ଆଇସିୟୁର ବ୍ୟବସ୍ଥା ନଥିବା ଯୋଗୁଁ ଦୀପ୍ତିରାଣୀଙ୍କ ମୃତ୍ୟୁ ଘଟିଛି ବୋଲି ସମାଜସେବୀ ଜସ୍ମିନ୍ ଶେଖ୍ କହିଛନ୍ତି ଯେ। ଏପରି ପ୍ରତିଦିନ କେତେ ଯେ ଦୀପ୍ତିରାଣୀଙ୍କ ଜୀବନ ଦୀପ ଲିଭୁଛି ତାର ହିସାବ ନାହିଁ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ହୋଇଥିଲେ ହେଁ ଏଠାରେ ଯେତିକି ଅନ୍ତତଃ ବ୍ୟବସ୍ଥା ରହିବା କଥା ତାହା ନାହିଁ। ଏଥିଯୋଗୁଁ ଗୁରୁତର ରୋଗୀ ମରିବା ଛଡା ଆଉ କିଛି ବାଟ ନାହିଁ। ଏଠାରୁ ଉଚ୍ଚ ଚିକିତ୍ସା ପାଇଁ ବ୍ରହ୍ମପୁର କିମ୍ବା ଅନ୍ୟକେଉଁଠାକୁ ରୋଗୀଙ୍କୁ ସ୍ଥାନାନ୍ତର କରାଯାଉଛି ତେବେ ସେଠାରେ ଆର୍ଥିକ ଶୋଷଣର ଶିକାର ମଧ୍ୟ ହେଉଛନ୍ତି ଲୋକେ। ଆଦିବାସୀ ଅଧ୍ୟୁଷିତ ତଥା ଉପାନ୍ତ ଜିଲ୍ଲା ପ୍ରତି ରାଜ୍ୟ ସରକାର ଓ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ସିୟୁଟିଏମ୍‌ର ବାର୍ଷିକ ଉତ୍ସବ ‘ଗଜଜ୍ୟୋତି’ ଉଦ୍‌ଯାପିତ

**ପାରଳାଖେମୁଣ୍ଡି, ୨୨।୨(ସମିସ):** ସେଞ୍ଚୁରିଆନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର(ସିୟୁଟିଏମ୍) ପାରଳାଖେମୁଣ୍ଡି କ୍ୟାମ୍ପସର ବାର୍ଷିକ ଉତ୍ସବ ‘ଗଜଜ୍ୟୋତି’ ସମାପନ ହୋଇଛି। ୩ ଦିନ ଧରି ଏହି ଉତ୍ସବ ହୋଇଥିଲା। ବିଶ୍ୱବିଦ୍ୟାଳୟ ସଭାପତି ଡ. ମୁକ୍ତିକାନ୍ତ ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ଡିଏନ୍ ରାଓ,



ଉପକୁଳପତି ଡ. ସୁପ୍ରିୟା ପଟ୍ଟନାୟକ, ଭାଇସ୍‌ଚାନ୍ସେଲର ଡ. ବିଶ୍ୱଜିତ ମିଶ୍ର, ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଏବଂ ନିର୍ଦ୍ଦେଶକ (ପ୍ରଶାସନ) ଡ. ଦୁର୍ଗା ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଓ ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ ସାହୁ ଯୋଗ ଦେଇଥିଲେ। ପ୍ରଥମ ଦିବସରେ କ୍ୟାମ୍ପସର ୭ଟି ସ୍କୁଲକୁ ନେଇ ଆରମ୍ଭ ହୋଇଥିଲା। ଏକ ଉତ୍ସାହୀ ପ୍ରତିଯୋଗିତାରେ ସୃଜନଶୀଳତା, ନବସୃଜନ, ବୈଷୟିକ ଉତ୍କର୍ଷତା ଏବଂ ସ୍ଥାୟୀତ୍ୱକୁ ଆଲୋକିତ କରିଥିଲା। ସ୍କୁଲ ଅଫ୍ ନର୍ସିଂ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍କୁଲ ଅଫ ଏଗ୍ରିକଲ୍‌ଚର ଦ୍ୱିତୀୟ, ଏସଓଇଟି ଏବଂ ଏସଓଭିଇଟି ତୃତୀୟ ହୋଇଥିଲା। ଏହି ଅବସରରେ ଏକ ମେଗା ବିତର୍କ ପ୍ରତିଯୋଗିତା ହୋଇଥିଲା। ୧୮ ଅଂଶଗ୍ରହଣକାରୀଙ୍କୁ ନେଇ ଗଠିତ ହୋଇଥିଲା ଯେଉଁମାନେ ଅସାଧାରଣ ବକ୍ତୃତା ଦକ୍ଷତା ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିନ ଏକ ପ୍ରେରଣାଦାୟକ ପୋଡକାଷ୍ଟ ଅଧିବେଶନ ସହିତ ଆରମ୍ଭ ହୋଇଥିଲା। ଏଥିରେ ସିୟୁଟିଏମ୍‌ର ଜଣେ ପୂର୍ବତନ ଛାତ୍ର ଏବଂ ଅପରେସନ୍ ସିନ୍ଦୁର ସମୟରେ ତାଙ୍କ ସାହସିକତା ପାଇଁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଗ୍ରୁପ୍ କ୍ୟାପଟେନ ବିପୁଲ କୁମାର ଯୋଗ ଦେଇଥିଲେ। କ୍ରାଫ୍ଟନ୍ ଗ୍ରୁପ୍ ଦ୍ୱାରା ଇ-କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର ସଙ୍ଗୀତ, ନାଟକ ଏବଂ ନୃତ୍ୟ କ୍ଲବ୍ ଦ୍ୱାରା ଆକର୍ଷଣୀୟ ପ୍ରଦର୍ଶନ କରାଯାଇଥିଲା। ତୃତୀୟ ଦିନ ଯଥା ସମାପନ ଉତ୍ସବରେ, ମେଗା ପ୍ରୋଜେକ୍ଟ ଏକ୍ସପୋରେ କ୍ୟାମ୍ପସର ୮ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ୮୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅପରାହ୍ନରେ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ବିଭାଗରେ ଅଧ୍ୟାପକ ଏବଂ କର୍ମଚାରୀଙ୍କ ଦ୍ୱାରା ସ୍ପନ୍ଦନଶୀଳ ନୃତ୍ୟ, ସଙ୍ଗୀତ ଏବଂ ନାଟକ ପ୍ରଦର୍ଶନ କରାଯାଇଥିଲା। ଗ୍ରାଣ୍ଡ ଫିନାଲେରେ ବଲିଉଡ୍ ଗାୟକ ବରୁଣ ଜୈନ ଯୋଗ ଦେଇଥିଲେ।

## ନାଟକ ‘କଳଙ୍କ ମୋ ପାଇଁ ଚନ୍ଦନ ଟୋପା’ ମଞ୍ଚସ୍ଥ

**ଜି.ଉଦୟଗିରି, ୨୨।୨(ସମିସ):** ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଶ୍ରୀ ରାମେଶ୍ୱର ଯୁବକଳା ପରିଷଦର ପ୍ରଥମ ଅବଦାନରେ ଚଳିତ ବର୍ଷ ସାମାଜିକ ନାଟକ କଳଙ୍କ ମୋପାଇଁ ଚନ୍ଦନ ଟୋପା ମଞ୍ଚସ୍ଥ ହୋଇଛି। ଅଜୟସଙ୍କ ଦ୍ୱାରା ରଚିତ ଏହି ନାଟକରେ ବ୍ରହ୍ମପୁରର ବରିଷ୍ଠ ନିର୍ଦ୍ଦେଶକ କୃଷ୍ଣ କୁମାର ପଣ୍ଡା, ସହନିର୍ଦ୍ଦେଶକ ପ୍ରତାପ ପାତ୍ର ନିର୍ଦ୍ଦେଶନା ଦେଉଥିବା ବେଳେ ବ୍ରହ୍ମପୁର ସଙ୍ଗୀତକାର ସୁଜିତ ପାଢ଼ୀ ସଙ୍ଗୀତ ଦେଇଥିଲେ। କଳାପରିଷଦ ସଭାପତି ମାଖନ ନାୟକ, ସମ୍ପାଦକ ବେଣୁରାଜ ପ୍ରଧାନ, ମ୍ୟାନେଜର ସୀତାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କଳାକାର ନିଖୁଣ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଜିତେନ୍ଦ୍ର କୁମାର ଦିଗାଲ, ସମ୍ମାନିତ ଅତିଥିଭାବେ ସମୀର କୁମାର ପାଢ଼ୀ, ପୁଲିସ ବିଭାଗ ସର୍ଜନ ଅନିଲ



କୁମାର ପ୍ରଧାନ ଓ କଳିଙ୍ଗା ନାଏବ ସରପଞ୍ଚ କୁମଶ୍ରୀ ପ୍ରଧାନ ମଞ୍ଚାସୀନ ଥିଲେ। ଆମନ ଚନ୍ଦ୍ର ନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ।

## ହାତୀ ମୃତ୍ୟୁ ଘଟଣାରେ ଆଉ ୩ ଗିରଫ



**ବାଲିଗୁଡା, ୨୨।୨(ସମିସ):** ବହୁ ଚର୍ଚ୍ଚିତ ହାତୀ ମୃତ୍ୟୁ ଘଟଣାରେ ଆଉ ୩ ଜଣ ଗିରଫ। ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ଘଟଣାରେ ଆଜି ଆଉ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ହେଲେ କେ.ଶ୍ୟାମ ପାତ୍ର (୭୬), ବୃଷବ ପାତ୍ର (୪୪) ଏବଂ ଗୋକୁଳ ପାତ୍ର। ସେମାନଙ୍କ ଘର ଝିରିପାଣି ଗ୍ରାମର ବୋଲି ଜଣାପଡ଼ିଛି। ବେଲଘର ବନାଞ୍ଚଳ କେଶ ନମ୍ବର ୭୨ରେ ମାମଲା ରୁଜୁ କରି ତୁମୁଡିବନ୍ଧ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି। ହାତୀ ମୃତ୍ୟୁ ଘଟଣାରେ ପୂର୍ବରୁ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରଯାଇଥିଲା। ବର୍ତ୍ତମାନ ଗିରଫଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନା ଯୋଗ୍ୟ ଯେ ଏସିଏଫ ସୂର୍ଯ୍ୟକାନ୍ତ ବେହେରା ତଦନ୍ତ ଠିକ ଭାବରେ କରି ନଥିବା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ବେଲଘରର ଡେପୁଟି ରେଞ୍ଜର ବିନୟ ବିଶି ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି। ସେ ହାତୀ ମୃତ୍ୟୁ ପରେ ତରବରିଆ ଭାବେ ପୋତି ଦେଇଥିଲେ।

**ମୋହନା ସାମ୍ବାଦିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ**

# ‘ସମାଜ ପରିବର୍ତ୍ତନରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ମୋହନା, ୨୨।୨(ସମିସ)**



- ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା
- ମୃତ ଚାଷୀ ପରିବାରଙ୍କୁ ଆର୍ଥିକ ସହାୟତା
- ଦିବ୍ୟାଙ୍ଗଙ୍କୁ ବସ୍ତ୍ର ବଣ୍ଟନ

ମୋହନା ସାମ୍ବାଦିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ପ୍ରେସ୍ କ୍ଲବ ସଭାପତି ସୁମନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାମ୍ବାଦିକ ସଂଘ (ଓୟୁଜେ)ର ରାଜ୍ୟ ସାଧାରଣ ସମ୍ପାଦକ ରୂପେଶ କୁମାର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିରାଙ୍ଗ ବୌଦ୍ଧ ମନ୍ଦିର ବଡ଼ ଗୁରୁଜୀ ଏଚ.ଇ ଜିଗମେ ଗିଂପୋଛେ, ସାନ ଗୁରୁଜୀ ଖେନପୋ ପେମା ଟେମ୍ପେଲ, ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ମୋହନା ଥାନା ଅଧିକାରୀ ଓଁ ନାରାୟଣ ପାତ୍ର, ଅଡବା ଥାନାର ଶୁଭ୍ରାନ୍ତ ପଣ୍ଡା, ଡା.ଅମୃତରାଜ ଜେନା ଓ ଉତ୍କଳ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଜିଲ୍ଲା ସମ୍ପାଦକ ସୁଜିତ ବିଷୋୟୀ ମଞ୍ଚାସୀନ ଥିଲେ। ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସାମ୍ବାଦିକ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରିଥାନ୍ତି। ସମାଜ ପରିବର୍ତ୍ତନ ଓ ଅଞ୍ଚଳର ଉନ୍ନତିରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ କହିଛନ୍ତି। କିନ୍ତୁ ପରିତାପର ବିଷୟ ସାମ୍ବାଦିକଙ୍କ ସରକାରୀ ସହାୟତା ତଥା ସୁରକ୍ଷା ପାଇଁ କୌଣସି କଡ଼ା ଆଇନ ହୋଇପାରିନାହିଁ ବୋଲି ଅତିଥିମାନେ କହିଛନ୍ତି। ଏହି ଉତ୍ସବ ଅବସରରେ ବରିଷ୍ଠ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ସାମ୍ବାଦିକ ଅଶ୍ୱିନୀ ପାତ୍ର, ଆଇନଜୀବୀ ଦୁର୍ଯ୍ୟୋଧନ କରଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କଣ୍ଟାହୁରୁ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ସ୍ମୃତିରାଣୀ ରଇତ, ହିଲଟପ କଲେଜ ଛାତ୍ରୀ ଯମୁନା ଗୌଡ଼, ମୋହନା ପିଏମଶ୍ରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ର ତପନ ଗୌଡ଼ ଓ ଛାତ୍ରୀ ଶ୍ରୀୟାରାଣୀ ସାହୁଙ୍କୁ ରାଜ୍ୟସ୍ତରୀୟ ପ୍ରତିଭା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତବର୍ଷ ପ୍ରତାପପୁର ଗାଁରେ ଚାଷ ଉଜୁଡି ଯିବା ଯୋଗୁଁ ଲକ୍ଷ୍ମଣ ନାୟକ ନାମକ ଜଣେ ଚାଷୀ ଜମିରେ ବିଷ ପିଇ ଆତ୍ମହତ୍ୟା କରିଥିଲେ। ତାଙ୍କ ପରିବାରକୁ ମୋହନା ପ୍ରେସ କ୍ଲବ ଉଦ୍ୟମରେ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହ ସମସ୍ତ ଅତିଥି ଓ ବିଭିନ୍ନ ସାମ୍ବାଦିକ ସଂଘ, ଆଶାକର୍ମୀ, ଡ୍ରାଇଭର ସଂଘ ତଥା ଉପସ୍ଥିତ ସରକାରୀ କର୍ମଚାରୀ ଓ ବୁଦ୍ଧିଜୀବୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ମୋହନା ବଧିର ବିଦ୍ୟାଳୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୋହନା ପ୍ରେସ୍ କ୍ଲବ ସମ୍ପାଦକ ବାବୁଲା ସେଠୀ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଅଂଶୁମାନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବରିଷ୍ଠ ଉପଦେଷ୍ଟା ପଞ୍ଚାନନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମୋହନା ପ୍ରେସ କ୍ଲବର ବରିଷ୍ଠ ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ବାଦଲ ବେହେରା, ଯୁ. ରାଜେନ୍ଦ୍ର ଦୋରା, ଆଇନ ପରାମର୍ଶଦାତା ସୀମାଞ୍ଚଳ କାର୍ଜି, ସହ ସମ୍ପାଦକ ନୃସିଂହନାଥ ପୂଜାରୀ, କୋଷାଧକ୍ଷ ପ୍ରମୋଦ ଦୋରା, ସଦସ୍ୟ ସୁକାନ୍ତ ରଥ, ବିମଳ ମଲ୍ଲିକ, ମୋଜେସ ରଇତ, ଜଗନ୍ନାଥ ଦାସ, ଟିଟି ମଲ୍ଲିକ, ନିର୍ମଳ ପାଲ, ବିଭୁତି ମଲ୍ଲିକ, ଚନ୍ଦନ ପଟ୍ଟନାୟକ ଓ ମୁକ୍ତିମଣ୍ଡପ ଦଣ୍ଡସେନା ପରିଚାଳନା କରିଥିଲେ।

